**OFFICE OF THE TAHASILDAR: BONAI**

Ph. /Fax- 06626-244423, E-mail: tdr.bng123@gmail.com

**No. 3179 /Dt. 16-12-2019**

To

The District Informatics Officer,
NIC, Sundargarh

Sub: Publication of advertisement for long term lease of Sairat Source of Bonai Tehasil.

Sir

With reference to the subject cited above, I am to say that 3 (Three) nos. of Sairat of Minor Minerals of this Tehsil will be settled on long term lease basis for a period of 5 Years by inviting bid through sealed tender for which the soft copy of advertisement for lease of the sairat source under this office duly signed by the undersigned is sent herewith to hoist the same in the Sundargarh official website i.e. www.sundergarh.nic.in for information of all concerned.

**Title of the Subject**: ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦି ଲିଜ ବର୍ଷ ୨୦୧୯-୨୦ ଠାରୁ ୨୦୨୩-୨୪ ବର୍ଷ ନିମନ୍ତେ

ବିଜ୍ଞାପନ

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଅନୁଯାୟୀ

Advertisement for Long Term lease for the year 2019-20 to 2023-24 as per OMC Rule-2016

Yours Faithfully

Enclosure: As above

16/12/19

**Tahasildar, Bonai**

Memo No 3180 Date 16-12-2019

Copy along with copy of enclosures submitted to the **Additional District Magistrate, Sundargarh, Sub-Collector, Bonai** for favour of kind information and necessary action.

16/12/19

**Tahasildar, Bonai**

Memo No 3181 Date 16-12-2019

Copy along with copy of advertisement are sent to the BDO, Bonai/All GP office under Bonai Block/ All RI Offices under this tehasil/ All Tehasil of Bonai Sub-Division for information and necessary action. They are requested to publish the advertisement at their notice board for information of General Public.

Copy to Office Notice Board.

16/12/19

**Tahasildar, Bonai**

Scanned by CamScanner

## ତହସିଲଦାର ବଣାଇଁଙ୍କ କାର୍ଯ୍ୟାଳୟ, ବଣାଇଁ

ବିଜ୍ଞପ୍ତି ସଂଖ୍ୟା 3174 / ରେଭିନ୍ୟୁ / ତାରିଖ 16-12-2019

ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦି ଲିଜ ବର୍ଷ ୨୦୧୯-୨୦ ଠାରୁ ୨୦୨୩-୨୪ ବର୍ଷ ନିମନ୍ତେ

ବିଜ୍ଞାପନ

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଅନୁଯାୟୀ

ଏତଦ୍ବାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ବଣାଇଁ ତହସିଲ ଅର୍ନ୍ତଗତ ନିମ୍ନ ଲିଖିତ ଲଘୁ ଖଣିଜ ଖାଦାନ୍ ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ବଣାଇଁଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rules 2016 ର Format ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ ଆବେଦନ କରିବେ ଯାହକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. ୦୨/୦୧/୨୦୨୦ରିଖ ପୂର୍ବାହ୍ନ ୧୦.୦୦ଟାରୁ ତା. ୦୮/୦୧/୨୦୨୦ ରିଖ ଅପରାହ୍ନ ୫.୦୦ଟା ସୁଦ୍ଧା Drop Box ରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଛି | ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । Tender Box ତା ୦୯/୦୧/୨୦୨୦ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଲିଜ ଚୁଡାନ୍ତ କରାଯିବ । ଏବଂ ଅସଂପୂର୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯେଉଁ ଉତ୍ସଗୁଡିକ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳି ନଥିବ/ କିମ୍ବା ଲିଜ୍ ଚୁଡାନ୍ତ ହୋଇନଥିବ ସେହି ଉତ୍ସଗୁଡିକ ପାଇଁ ଦ୍ୱିତୀୟ ଥର ଓ ତୃତୀୟ ଥରପାଇଁ ଯଥାକ୍ରମେ ତା ୧୬/୦୧/୨୦୨୦ ରିଖ ଓ ତା୨୪/୦୧/୨୦୨୦ ରିଖ ପୂର୍ବାହ୍ନ ୧୦.୦୦ଟା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ପୂର୍ବମତେ Tender Box ଖୋଲାଯିବ ।

୧) ଦରଖାସ୍ତଫି ସକାଶେ ଟ.୧୦୦୦/- (ଏକହଜାର ଟଙ୍କା) ର ଟ୍ରେଜେରି ଚାଲାଣ ।

୨) କୌଣସି ମାଇନିଙ୍ଗ ବକେୟା ନଥିବା ନେଇ ଏକ ସତ୍ୟପାଠ ।

Scanned by CamScanner

୩) A Solvency certificate or Bank Guarantee valid for a period of 18 months for an amount not less than the amount of additional charge offered and the royalty paid in for the minimum guaranteed quantity for one whole year and a list of immovable property from the Revenue authority.

୪) ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ।

୫) ଦ୍ରବ୍ୟ ଏବଂ ସେବା ଟିକସ (GST Certificate) ର ନକଲ ।

୮) ବଇନା ଧନ (Earnest Money) ପାଇଁ ଡିମାଣ୍ଡ ଡ୍ରାଫ୍ଟ ଯାହାର ମୂଲ୍ୟ ତାଙ୍କ ଦ୍ୱାରା ଦର୍ଶାଯାଇଥିବା ଅତିରିକ୍ତ ମୂଲ୍ୟ ଏବଂ ରାଜ କୋଷ (Royalty) (ଏକ ବର୍ଷ) ର ୫% ଠାରୁ କମ୍ ହୋଇନଥିବ । (5% of amount of additional charge and royalty (1) year)

## ସର୍ତ୍ତାବଳୀ

୧) ଆବେଦନ କାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ – ୨୦୧୬ ଓ OMMC (Ammendement) Rules 2017 ର ପରିସର ଭୁକ୍ତ ରହିବେ ।

୨) ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗନେବେ ।

୩) ଲିଜ ପରେ ସୈରାତ ଚଳାଇବା ବାବଦକୁ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪) ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ହେବେନାହିଁ ।

୫) ବାଲି (Sand) ପାଇଁ ସର୍ବ ନିମ୍ନ ରୟାଲଟି ମୂଲ୍ୟ (per cum) ୩୫ ଟଙ୍କା ରହିବ ।.

୬) ସରକାରୀ ଅତିରିକ୍ତ ମୂଲ୍ୟ ଧାର୍ଯ୍ୟ ଦର ଠାରୁ କମ ଦାମରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକିୟ ଦଲିଲ୍ ସଂଲଗ୍ନ ନକରିଥିବ ଦରଖାସ୍ତକାରୀଙ୍କର ଦରଖାସ୍ତ ଖାରଜ କରାଯିବ ।

Scanned by CamScanner

୭) ଲିଜ ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ ଅତିରିକ୍ତ ମୂଲ୍ୟ ଦାଖଲ କରିଥିବା ଆବେଦନ କାରୀଙ୍କୁ ଲିଜ ଦିଆଯିବ । (Provided that, if more than one applicant have quoted the highest rate of additional charge, then the applicant shall be selected by draw of lots).

୮) ସର୍ବୋଚ୍ଚ ଲିଜ ଧାରୀ ସଂପୃକ୍ତ ଆଧିକାରୀଙ୍କ ଦ୍ଵାରା ହୋଇଥିବା ଅମାନତ ରାଶି equivalent to one-fourth of the total amount of royalty and additional charge and the amount of contribution payable to the DMF on the annual minimum guaranteed quantity, token together reduced by the amount of earnest money ଲିଜ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ୧୫ ଦିନ ମଧ୍ୟରେ Demand Draft / ନଗଦ ଆକାରରେ ଜମା କରିବେ । ଏହା ଅମାନତ ଜମାର ସୁଧ ମୁକ୍ତ ହେବ ।

୯) ସର୍ବୋଚ୍ଚ ଲିଜ ଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ୪ମାସ ମଧ୍ୟରେ ହାସଲ କରିବେ ନଚେତ୍ ଜମା କରିଥିବା Security Deposit ବ୍ୟାଜ୍ୟାପ୍ତି କରାଯିବ ।

୧୦) ପରିବେଶ ମଞ୍ଜୁରୀ ହେବା ପରେ ଲିଜ ଧାରୀ ରାଜକୋଷ, ଅତିରିକ୍ତ ମୂଲ୍ୟ ଓ ରାଜକୋଷ ରାଶିର ୧୦% ଜିଲ୍ଲା ଖଣିଜ ପ୍ରତିଷ୍ଠାନରେ (DMF) ସହାୟତା ରାଶି ପୈଠ କରିବେ ଏବଂ ୫ % ପରିବେଶ ପରିଚାଳନା ରାଶି (EMF) ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୯୯୯ ଅନୁଯାୟୀ ଚୁକ୍ତି ପତ୍ର ସମ୍ପାଦନ କରିବେ ।

୧୧) ଲିଜଧାରୀ ରାଜକୋଷ ସହିତ ନିର୍ଦ୍ଧାରିତ Surface Rent ଓ Dead Rent ପୈଠ କରିବେ ।

୧୨) ଜମା ରାଜକୋଷ ଓ ଅତିରିକ୍ତ ମୂଲ୍ୟର ୨% ଲିଜ ଧାରୀ ଆୟକର (T.C.S.) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

୧୩) ଲିଜ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ଵାରା ବାଡଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ ଡିସପ୍ଲେ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁରହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଲିଜ ଧାରୀ ନିଜ ଖର୍ଚ୍ଚରେ କରିବେ ।

୧୪) ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପରିବେ ନାହିଁ ।

Scanned by CamScanner

୧୪) ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ । ଏହା ବ୍ୟତିତ ଇସ୍ତିହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା website www.sundergarh.nic.in ରେ ମଧ୍ୟ ଦେଖେପାରିବେ ।

୧୫) ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଦାଖଲ କରିଥିବା ଆବେଦନକାରୀ ଦିଆଯାଇଥିବା ସର୍ତ୍ତା ବଳୀରେ ଖିଲାପ କଲେ / ଲିଜ ନନେଲେ ତତ୍ ପରବର୍ତ୍ତି ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୭) ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ ଧାରୀମାନେ ଆନୁପାତିକ ଭାବେ ବହନ କରିବେ ।

୧୮) ଯଦି ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୯) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

16/12/19

ତହସିଲଦାର, ବଣାଇ

ଜ୍ଞାପକ ସଂଖ୍ୟା 3182 / ତା 16.12.19

ଏହାର ଏକକିତା ନକଲ ଉପ ଜିଲ୍ଲାପାଳ, ବଣାଇଁ / ତହସିଲ କାର୍ଯ୍ୟାଳୟ, ଗୁରୁଣ୍ଡିଆ / ଲହୁଣୀପଡା / କୋଇଡା / ସମସ୍ତ ଗ୍ରାମପଂଚାୟତର ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ / ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ସୁନ୍ଦରଗଡଙ୍କୁ ଜିଲ୍ଲା website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

16/12/19

ତହସିଲଦାର, ବଣାଇ

Scanned by CamScanner